# ୨ ଶିକ୍ଷକଙ୍କ ସମେତ ୫ ଗିରଫ

## ୨୨ ହଜାର ଟଙ୍କା, ରବରଷ୍ଟାମ୍ପ, କମ୍ପ୍ୟୁଟର, ଜାଲ୍ ସାର୍ଟିଫିକେଟ ଜବତ

**ଆସିକା, ୨୯।୨ (ଡି.ଏନ୍.ଏ)**

ଜାଲ୍ ସାର୍ଟିଫିକେଟ ଦେଇ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ଧରପଗଡ ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିଲା । ଆସିକା ଥାନା ଇଲାକାରେ ଏହି ଶିକ୍ଷକଙ୍କ ତଲାସିବେଳେ ଗୋଟିଏ ଜାଲ୍ ସାର୍ଟିଫିକେଟ ଯୋଗାଣକାରୀ ର୍ୟାକେଟର ପର୍ଦ୍ଦାଫାଶ୍ ହୋଇଛି। ଏହି ମାମଲାରେ ପୋଲିସ ୨ ଜଣ ଜାଲ ସାର୍ଟିଫିକେଟଧାରୀ ଶିକ୍ଷକଙ୍କ ସହିତ ଅନ୍ୟ ୩ଜଣଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଆସିକା ଥାନା ହୁମୁକି ଗ୍ରାମର ଶିକ୍ଷକ ଗୌରୀ ଶଙ୍କର ଜେନା, ପ୍ରକାଶ ଚନ୍ଦ୍ର ପୋଲାଇ ଏବଂ କୋଦଳା ପଣ୍ଡା ସାହିର ରଞ୍ଜିତ କୁମାର ପାଲଟା, କୋଦଳା ପରିବା ମାର୍କେଟର କେ. ଧୀରେନ କୁମାର ଦୋରା ଓ ପୋଲସରା କଲେଜ ଛକର ଦୁର୍ଗାପ୍ରସାଦ ମିଶ୍ର । ସେମାନଙ୍କ ନିକଟରୁ ପୋଲିସ ୨୨ ହଜାର ଟଙ୍କା, କମ୍ପ୍ୟୁଟର ଓ ହାର୍ଡଡିସ୍କ, ୫ ଶହରୁ ଉର୍ଦ୍ଧ୍ୱ ରବର ଷ୍ଟାମ୍ପ, ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ଜାଲ୍ ସାର୍ଟିଫିକେଟ ଜବତ କରିଛି ।

ଅଭିଯୁକ୍ତମାନେ ଏହି ଜାଲ୍ ସାର୍ଟିଫିକେଟ କାରବାର ଗଞ୍ଜାମ, ନୟାଗଡ଼, ରାୟଗଡ଼ା ଜିଲା ସାଙ୍ଗକୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ ମଧ୍ୟ ଚଳାଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତମାନେ ଗୋଟିଏ ସାର୍ଟିଫିକେଟ ଲାଗି ୧୦ ହଜାରରୁ ୫୦ ହଜାର ଟଙ୍କା ଲେଖାଏ ଆଦାୟ କରୁଥିବା ଆସିକା



ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ ।

### ଜାଲ୍ ସାର୍ଟିଫିକେଟ ର୍ୟାକେଟର ପର୍ଦ୍ଦାଫାଶ୍

ଥାନାରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅବସ୍ଥାପିତ ଟ୍ରେନିଂ ଆଇପିଏସ୍ ଅଧିକାରୀ ଅଭିଲାଷ ଜି ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ଶିକ୍ଷକ ଦୁଇଜଣ ୨୦୦୬ରୁ ଏହି ସାର୍ଟିଫିକେଟ ହାସଲ କରି ଚାକିରି କରୁଥିବା ବେଳେ କୋଦଳାଠାରେ ଏକ କମ୍ପ୍ୟୁଟର କେନ୍ଦ୍ରର ମାଲିକ ଧୀରେନ ଏହି ଜାଲ୍ ସାର୍ଟିଫିକେଟ ପ୍ରସ୍ତୁତ କରୁଥିଲେ । ସେହିଭଳି କୋଦଳାର ରଞ୍ଜିତ ନିଜ ପାଖରେ ବିଭିନ୍ନ ଅଧିକାରୀଙ୍କ ରବର ଷ୍ଟାମ୍ପ ରଖି ଏହାକୁ ସାର୍ଟିଫିକେଟରେ ଲଗାଉଥିବା ଜଣାପଡିଥିଲା । ଦୁର୍ଗାପ୍ରସାଦ ଜିଲା ତଥା ଜିଲା ବାହାରେ ଏହି ସାର୍ଟିଫିକେଟ କାରବାର ଚଳାଇ ଆସୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ଜବତ ହାର୍ଡଡିସ୍କକୁ ପରୀକ୍ଷା ଲାଗି ଫୋରେନ୍ସିକ୍ ଲାବୋରେଟୋରିକୁ ପଠାଯାଇଥିବା ଥାନାଧିକାରୀ କହିଛନ୍ତି। ସୂଚନା ଯୋଗ୍ୟ, ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କୃତିବାସ ବାରିକଙ୍କ ପକ୍ଷରୁ ଜାଲ୍ ସାର୍ଟିଫିକେଟଧାରୀ ଶିକ୍ଷକଙ୍କ ବିରୋଧରେ ଗତ ଜାନୁୟାରୀ ୧୪ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା । ଏ ନେଇ ନଂ. ୨୧/୨୦ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚାଳାଇଥିଲା ।

# ନବଜୀବନ ସେବାଶ୍ରମରୁ ନିଖୋଜ ଛାତ୍ର ଖୋର୍ଦ୍ଧାରୁ ଉଦ୍ଧାର

**ଗୋପାଳପୁର,୨୯।୨**

ଗୋଳନ୍ଥରା ଥାନା ମଦନମୋହନପୁର ସ୍ଥିତ ନବଜୀବନ ସେବାଶ୍ରମରୁ ନିଖୋଜ ହୋଇଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଖୋର୍ଦ୍ଧା ରେଳଷ୍ଟେଶନରୁ ଚାଇଲ୍ଡ ଲାଇନ କର୍ମୀମାନେ ଉଦ୍ଧାର କରିଛନ୍ତି। ଶନିବାର ସନ୍ଧ୍ୟା ସୁଦ୍ଧା ଛାତ୍ର ଜଣକ ବ୍ରହ୍ମପୁର ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି।

ସୂଚନା ପ୍ରକାରେ, ଶୁକ୍ରବାର ପୂର୍ବାହ୍ନରେ ଛାତ୍ର ସେବାଶ୍ରମ କର୍ତ୍ତୃପକ୍ଷଙ୍କୁ ସ୍କୁଲକୁ ଯିବି ବୋଲି କହି ବାହାରିଥିଲେ। କିନ୍ତୁ ସେ ସ୍କୁଲକୁ ନ ଯାଇ ଟ୍ରେନ୍‌ରେ ଭୁବନେଶ୍ୱର ଅଭିମୁଖେ ଚାଲି ଯାଇଥିଲେ। ଖୋର୍ଦ୍ଧା ରେଳଷ୍ଟେଶନରେ ଓହ୍ଲାଇ ଏଣେତେଣେ ବୁଲୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଛାତ୍ରଙ୍କୁ ଜିଆର୍‌ପି ଷ୍ଟେଶନରେ ହାଜର କରାଇ ଖୋର୍ଦ୍ଧା ଶିଶୁ ମଙ୍ଗଳ ଅଧିକାରୀ (ସିଡବ୍ଲୁସି)ଙ୍କ ନିକଟରେ ହାଜର କରାଯାଇଥିଲା। ଏ ନେଇ ସେବାଶ୍ରମର ସମ୍ପାଦକ ସୁଶାନ୍ତ କୁମାର ମହାରଣାଙ୍କ ସହ ଯୋଗାଯୋଗ ବେଳେ ଛାତ୍ର ଜଣକ ସ୍କୁଲକୁ ନ ଯାଇ କେଉଁଆଡ଼େ ଚାଲିଯାଇଥିଲେ। ଆମେ ଖୋଜୁଥିବା ବେଳେ ସନ୍ଧ୍ୟାରେ ଛାତ୍ର ଜଣକ ଖୋର୍ଦ୍ଧାରୁ ଉଦ୍ଧାର ହୋଇଥିବା ଜାଣିବାକୁ ପାଇଥିଲୁ। ଏଣୁ ଥାନାରେ ଅଭିଯୋଗ କରାଯାଇ ନ ଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚାଇଲ୍ଡ ଲାଇନ ସଂଯୋଜକ ଇତିଶ୍ରୀ ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ଖୋର୍ଦ୍ଧା ରେଳଷ୍ଟେଶନରେ ଉକ୍ତ ଛାତ୍ର ଜଣକ ବୁଲୁଥିଲେ, ତାଙ୍କୁ ଆମେ ଉଦ୍ଧାର କରି ପଚରାଉଚର କରିବାରୁ ସେବାଶ୍ରମରେ ମାଡ଼ ମାରିବା ଓ ଗାଳିଗୁଲଜ କରୁଥିବା ଯୋଗୁ ମୁଁ ସେଠାରୁ ଭୟଭୀତ ହୋଇ ଚାଲି ଆସିଛି ବୋଲି କହିଥିଲେ।

# ଜଙ୍ଗଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଜି.ଉଦୟଗିରି,୨୯।୨(ଡି.ଏନ.ଏ.)

ଜି.ଉଦୟଗିରି ଥାନା ଲିଙ୍ଗାଗଡ଼ ନିକଟ ମୁଣ୍ଡାକାଙ୍ଗା ଜଙ୍ଗଲରୁ ଶନିବାର ପୋଲିସ ଜଣେ ବୃଦ୍ଧାଙ୍କ ମୃତହେଦ ଉଦ୍ଧାର କରିଛି। ସେ ହେଲେ ମଝିଆ ରାଣୀ ପ୍ରଧାନ। ଏ ନେଇ ସ୍ଥାନୀୟ ପୋଲିସ ନଂ. ୧/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନା ପ୍ରକାରେ, ଲିଙ୍ଗାଗଡ଼ ନିକଟସ୍ଥ ମୁଣ୍ଡାବାଙ୍ଗା ଗ୍ରାମର ମଝିଆ ରାଇକିଆରେ ବାହା ହୋଇଥିଲେ ମଧ୍ୟ ୨୦ ବର୍ଷ ହେଲା ନିଜ ଭାଇଙ୍କ ଘରେ (ମୁଣ୍ଡାକାଙ୍ଗା) ରହୁଥିଲେ। ଦୁଇଦିନ ହେଲା ସେ ଲଙ୍କାଭାଲିଆ ମଞ୍ଜି ଗୋଟାଇବାକୁ ଜଙ୍ଗଲକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶନିବାର ଜଙ୍ଗଲରେ ମଝିଆଙ୍କ ମୃତଦେହ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି ବୋଲି ଥାନାଧିକାରୀ ଧୀରାଜ କୁମାର ଲେଙ୍କା କହିଛନ୍ତି।

## ସଂକ୍ଷେପରେ

### ପାଙ୍ଗା ଉପରସାହିରେ ବିଏସ୍ଏନ୍ଏଲ୍ ଟାୱାର ବସିଲା



ଫିରିଙ୍ଗିଆ,୨୯।୨: ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତରେ ଶନିବାର ବିଏସ୍ଏନ୍ଏଲ୍ ପକ୍ଷରୁ ଏକ ମିନି ଟାୱାର କାର୍ଯ୍ୟକ୍ଷମ ହୋଇଛି। ଏହି ଟାୱାର ୨.୫ କିମି ମଧରେ ୩ଜି ସେବା ଯୋଗାଇବ। ପଞ୍ଚାୟତର ବଡାଯୋଡି, ମାକାଲି, ଡାମି, ଡେଡିସରୁ , ମାନ୍ଦାପାଙ୍ଗା, ବାଲିକୁଟି, ପଟେଲିପିଡିଆ, ପାଙ୍ଗାମାଲା, ବାଲିଗୋଟା, କୁଡାନାଡି, ସବେରୀ ପ୍ରମୁଖ ଗ୍ରାମବାସୀ ଏହି ଟାୱାର ଦ୍ୱାରା ଉପକୃତ ହେବ। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବରରେ ଟାୱାର ନ ଥିବାରୁ ଜରୁରୀ ସେବାରୁ ବଞ୍ଚିତ ହେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଟାୱାର କାର୍ଯ୍ୟକ୍ଷମ ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଟାୱାର କାର୍ଯ୍ୟକ୍ଷମବେଳେ ଟିଡିଏମ ସୁରେଶ କୁମାର ସାହୁ, ସରପଞ୍ଚ ସୁମିତ୍ରା କହଁର ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ଜଜ୍‌ଙ୍କ ଦିଗପହଣ୍ଡି ସବ୍‌ଜେଲ୍,କୋର୍ଟ ପରିଦର୍ଶନ

ଦିଗପହଣ୍ଡି,୨୯।୨(ଡି.ଏନ.ଏ.)-ଗଞ୍ଜାମ ଜିଲା ଦୌରାଜଜ୍ ରାମ ଶଙ୍କର ହୋତା ଶୁକ୍ରବାର ଅପରାହ୍ନରେ ଦିଗପହଣ୍ଡି ସବ୍‌ଜେଲ ପରିଦର୍ଶନ କରିଥିଲେ। କିଛି ବିଚାରାଧୀନ ଜେଲ ଅନ୍ତେବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ଅଭାବ ଅସୁବିଧା ପଚାରି ବୁଝିଥିଲେ। ଜେଲ ଅନ୍ତେବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସେମାନଙ୍କୁ ଠିକ ଭାବେ ମିଳିପାରୁଛି କି ନାହିଁ ସେ ନେଇ ସବ ଜେଲ ଅଧୀକ୍ଷକ ଅବନ୍ତି ସିଂଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ପରେ ସେ ଦିଗପହଣ୍ଡି କୋର୍ଟରେ ପହଞ୍ଚି କାର୍ଯ୍ୟାଳୟ ପରିସର ବୁଲିଥିଲେ। ସ୍ଥାନୀୟ ଜେଏମ୍ଏଫ୍‌ସି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ଓ ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ସଦସ୍ୟଙ୍କ ଅନୁରୋଧକ୍ରମେ ସେ ଓକିଲ ସଂଘ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଓକିଲ ସଂଘ କାର୍ଯ୍ୟକର୍ତ୍ତାଙ୍କ ସମେତ ସଂଘର ବହୁ ସଂଖ୍ୟକ ସଦସ୍ୟ ସେମାନଙ୍କ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଜିଲା ଜଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟରେ ବେତାରସିଙ୍ଗି ଚାମ୍ପିୟନ



ବିଜୟୀ ଟିମ୍‌କୁ ବିଡିଓ ପୁରସ୍କୃତ କରୁଛନ୍ତି।

**ବୁଗୁଡ଼ା,୨୯।୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ସଙ୍କୁରୁରେ ଶ୍ରୀ ଭାଗବତ ସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କାଦପଡ଼ା ଓ ବେତାରସିଙ୍ଗି ଟିମ ମଧ୍ୟରେ ହୋଇଥିଲା। କାଦପଡ଼ା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୦ ଉଇକେଟ ବିନିମୟରେ ୧୫୫ ରନ୍ କରିଥିବା ବେଳେ ଜବାବଦରେ ବେତାରସିଙ୍ଗ ଟିମ ୧୪ ଓଭରରେ ମାତ୍ର ୭ ଉଇକେଟ ବିନିମୟରେ ୧୫୬ ରନ କରି ଚାମ୍ପିଅନ ହୋଇଥିଲା। ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଡିଓ ତନ୍ମୟ ପାତ୍ର, ମୁଖ୍ୟବକ୍ତା ଭାବେ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା ଓ ଗୋଳାବନ୍ଧ ସରପଞ୍ଚ ବସନ୍ତ ସାମଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ବଡିଓ ଚାମ୍ପିୟନ ଟିମକୁ ସିଲଡ଼ ପ୍ରଦାନ କରିଥିବା ବେଳେ ସହକାରୀ ଯନ୍ତ୍ରୀ ରନର୍ସ ଅପ୍ ହୋଇଥିବା କାଦପଡ଼ା ଟିମକୁ ରନର୍ସଅପ୍ ସିଲଡ ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ନିଳାମ୍ବର ସ୍ୱାଇଁ ଓ ରଞ୍ଜିତ ଜେନା ଏବଂ ସ୍କୋରର ଭାବେ ଶ୍ରୀକୃଷ୍ଣ ବେହେରା ଓ ଅଶୋକ ବିଷୋୟୀ ଦାୟିତ୍ୱ ସମ୍ପାଦନ କରିଥିଲେ।

# ରାସ୍ତା କଡ଼ରୁ କାର୍ ଉଦ୍ଧାର ଘଟଣା ଚାଲାଣ ହେଉଥିବା ଗଞ୍ଜେଇ ଜବତ

ଖଜୁରିପଡା,୨୯।୨(ଡି.ଏନ.ଏ.)- ଖଜୁରିପଡା ବ୍ଲକ ଦୂତିପଡ଼ା ପଞ୍ଚାୟତ ନିକଟ ଏନ୍ଏଚ୍ କଡରେ ୨ଦିନ ଧରି ଠିଆ ହୋଇଥିବା କାର୍ (ନଂ. ଡବ୍ଲ୍ୟୁବି୩୪ଏସ୍-୦୫୬୫)କୁ ଶୁକ୍ରବାର ଖଜୁରିପଡ଼ା ପୋଲିସ ଥାନାକୁ ନେଇ ତଦନ୍ତ ଚଳାଇଥିଲା। ଶନିବାର ଗାଡି ଯାଞ୍ଚବେଳେ ଡିକିରୁ ୮୧ କେଜି ଗଞ୍ଜେଇ ମିଳିଥିଲା। ନଂ. ୨୨/୨୦ରେ ମାମଲା ରୁଜୁ କରି ଆଇଆଇସି ରମାକାନ୍ତ ପାତ୍ର ତଦନ୍ତ ଚଳାଇଥିଲେ। ତଦନ୍ତ ପରେ ଗାଡିଟି କଲିକତାର ଜଣେ ପ୍ରଫେସରଙ୍କର ବୋଲି ଜଣାପଡିଛି। ଗାଡି ଖରାପ ହୋଇଯିବାରୁ ରାସ୍ତା କଡ଼ରେ ଛାଡି ଚାଳକ ପଳାଇଥିବା ପୋଲିସ ସନ୍ଦେହ କରୁଛି। ଅଧିକ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଆଇଆଇସି କହିଛନ୍ତି।






# ଖିଲାପିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅ

## ଆଲୋଚନା ବୈଠକ ଡାକିଲେ ଜିଲାପାଳ

**ଛତ୍ରପୁର,୨୯।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଧାନର ଏବେବି ଅଭାବୀ ବିକ୍ରି ଚାଲିଛି । ଏଥିସହ ଟୋକନ୍ ସମସ୍ୟାଠାରୁ ଆରମ୍ଭ କରି ଧାନ ବିକି ଚାଷୀଙ୍କୁ ମାସ ମାସ ପରେ ମଧ୍ୟ ଠିକ୍‌ଭାବେ ପ୍ରାପ୍ୟ ମିଳୁନି । ଜିଲାର ବିଭିନ୍ନ ସ୍ଥାନରେ ଏପରି ପରିସ୍ଥିତି ଓ ସମସ୍ୟା ଲାଗି ରହିଛି । ଧାନ କିଣା ସମସ୍ୟା ଦୂର ନ ହେଲେ ଋଷିକୁଲ୍ୟା ରୟତ ମହାସଭା ଓ ସିପିଆଇ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି । ଜିଲାପାଳଙ୍କ ଅଫିସ ଆଗରେ ଧାନ ରଖି ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚାଷୀ ସଜବାଜ ହେଲେଣି। ବିଧାନସଭାରେ ମଧ୍ୟ ଏନେଇ ହଟ୍ଟଗୋଳ ହୋଇଛି । ଅପରପକ୍ଷରେ ଏହି ସବୁ ସମସ୍ୟା ଉପରେ ଆଲୋଚନା କରିବା ଏବଂ କିଭଳି ଏହା ଶୃଙ୍ଖଳିତ ହୋଇପାରିବ ସେନେଇ ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଛତ୍ରପୁରସ୍ଥିତ ସମ୍ମିଳନୀ ଗୃହରେ ଏକ ବୈଠକ କରିଥିଲେ । ଧାନ ବିକିବାକୁ ଚାଷୀଙ୍କ ପାଇଁ ଭୁବନେଶ୍ୱରରୁ ଟୋକନ୍ ଆସୁଛି। ଟୋକନ୍‌ର ଅବଧି ୭ ଦିନ ରହୁଛି । ୭ ଦିନ ମଧ୍ୟରେ ଚାଷୀଙ୍କଠାରୁ ଧାନ ନ କିଣାଗଲେ



ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ଉକ୍ତ ଟୋକନ୍ ରଦ୍ଦ ହୋଇଯାଉଛି। ଫଳରେ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ସୋସାଇଟି ସମ୍ପାଦକ ଓ ମିଲରଙ୍କ ମନମୁଖି କାମ ପାଇଁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବେଗୁନିଆପଡା ବ୍ଲକ ସାନଓସ୍ତାପଡା ପଞ୍ଚାୟତ କନ୍ଧରାଣୀପଡ଼ା ସୋସାଇଟି ସମ୍ପାଦକ ବେଆଇନ କାମ କରୁଛନ୍ତି ଏବଂ ଲୋକଙ୍କଠାରୁ ଟଙ୍କା ମାଗୁଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଧାନ ବିକ୍ରି କରିବାର ୨ ମାସ ପରେ ମଧ୍ୟ ୭୨ ଚାଷୀଙ୍କୁ ଟଙ୍କା ମିଳିନି। ଆହୁରି ୩୯ ଜଣ ଚାଷୀଙ୍କଠାରୁ ବର୍ତ୍ତମାନ ମଧ୍ୟ ଧାନ କିଣାଯାଇନି। ଏନେଇ ଜିଲାପାଳ ବୈଠକରେ ବିରକ୍ତି ପ୍ରକାଶ କରିଥିଲେ। ଛତ୍ରପୁର ଏଆରସିଏସ୍‌ଙ୍କ ପକ୍ଷରୁ ଉକ୍ତ ସୋସାଇଟି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଡିଆରସିଏସ୍ ବିଶ୍ୱ ରଞ୍ଜନ ଦାଶ କହିଥିଲେ। ଧାନ କିଣାର ମନିଟରିଂ କରି ଅନିୟମିତତା ହେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୩ ଉପଜିଲାପାଳଙ୍କୁ ଜିଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି।

### ଧାନ କିଣା ସମସ୍ୟା ପ୍ରସଙ୍ଗ

ଟୋକନ୍ ଅବଧି ବଢାଇବା ସହ ସମସ୍ତ ଚାଷୀଙ୍କର ଧାନ କିଣିବାକୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କହିଥିଲେ । ବୈଠକରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଧାନ କିଣା ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେଉଁଠି ନିର୍ଦ୍ଦିଷ୍ଟ ସମସ୍ୟା ଥିଲେ ଏ ସମ୍ପର୍କରେ ଜଣାଇବାକୁ ଜିଲାପାଳ କହିଥିଲେ । ସବୁ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣାଯିବ ବୋଲି କୁହାଯାଇଛି । କୌଣସି ସ୍ଥାନରେ ସୋସାଇଟି ସମ୍ପାଦକମାନେ ହଇରାଣ କରୁଥିଲେ, ଏ ସମ୍ପର୍କରେ ଏମ୍ଆଇମାନେ ଜଣାଇବାକୁ ଜିଲାପାଳ କହିଥିଲେ । ଜିଲାର ୧ ଲକ୍ଷ ୨୪ ହଜାର ୪୬୨ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ସେଥିରୁ ୭୩ ହଜାର ୮୮୬ ଚାଷୀଙ୍କଠାରୁ ଧାନ କିଣାଯାଇଛି । ଜିଲାରୁ ୪୨ ଲକ୍ଷ ୨୩ ହଜାର ୮୮୦ କୁଇଣ୍ଟାଲ ଧାନ କିଣିବାକୁ ସରକାର ଟାର୍ଗେଟ ଦେଇଛନ୍ତି । ସେଥିରୁ ୩୩ ଲକ୍ଷ ୮୪ ହଜାର ୨୮୫ କୁଣ୍ଟାଟାଲ ଧାନ କିଣାଯାଇଥିବା ସୂଚନା ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୂପକାରଙ୍କ ସମେତ ଏମ୍ଆଇମାନେ ଉପସ୍ଥିତ ଥିଲେ ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ